# ଏପିସୋଡ ୩୬

## ସମୁଦ୍ର ପତନ ବୃଦ୍ଧି

ମୂଳ ଲେଖା: କେ.ଆର୍. ଜନାର୍ଦ୍ଦନ

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର

ଅର୍ଜୁନ ପରିବେଶ କର୍ମୀ

ଅମଲ କଲେଜ ଛାତ୍ର

ଇନ୍ଦିରା ସାମୁଦ୍ରିକ ବିଜ୍ଞାନୀ

ବିନ୍ଦୁ ଗ୍ରାମପଞ୍ଚାୟତ ସରପଞ୍ଚ

ଜଗନ ଚାଷୀ

ଅଧ୍ୟକ୍ଷ

ସମ୍ବାଦପାଠକ

(ଇନ୍ଦିରାଙ୍କ ଘର, ସକାଳ ଦଶଟା ବାଜିଛି। ରବିବାର। ଇନ୍ଦିରା ଟିଭି ସମ୍ବାଦ ଶୁଣୁଛନ୍ତି)

ସମ୍ବାଦପାଠକ: କେରଳ ରାଜ୍ୟର କୋଲମ ଜିଲ୍ଲାର ଗୋଟିଏ ଛୋଟ ଦ୍ୱୀପ ସମୁଦ୍ରରେ ବୁଡ଼ିଯାଉଛି। ସ୍ଥାନୀୟ ବାସିନ୍ଦା ଜଣ ଜଣ କରି ସେଠାରୁ ଚାଲି ଆସୁଛନ୍ତି। ମନେହେଉଛି ଏମାନେ ଜଳବାୟୁ ପରିବର୍ତ୍ତନର ଶରଣାର୍ଥୀଙ୍କ ସହିତ ସାମିଲ ହେବେ।

ଇନ୍ଦିରା: ଓହୋ.. ନା...ବହୁତ ଖରାପ ହେବ... (ଦୁଆର ଘଣ୍ଟି ବାଜୁଛି) ରୁହ। ମୁଁ ଦୁଆର ଖୋଲୁଛି। (ଦୁଆର ଖୋଲୁଛି, ଅର୍ଜୁନ ଆଉ ଅମଲ ଘର ଭିତରକୁ ଆସୁଛନ୍ତି)

ଅର୍ଜୁନ: ନମସ୍କାର ମ୍ୟାଡାମ। ଆଚ୍ଛା ଆପଣ ବି ଏଇ ସମ୍ବାଦ ଦେଖୁଛନ୍ତି। ଆଶ୍ଚର୍ଯ୍ୟ...

ଇନ୍ଦିରା: ଆଶ୍ଚର୍ଯ୍ୟ... କ'ଣ କହିବାକୁ ଚାହୁଁଛ।

ଅର୍ଜୁନ: ବାସ୍ତବରେ, ଆମେ ଦୁହେଁ ସେ ଦ୍ୱୀପରୁ ହିଁ ଫେରୁଛୁ।

ଇନ୍ଦିରା: ମୁଁ ବୁଝୁଛି। ଏହି ଦ୍ୱୀପଟି ହେଉଛି ମୁନରୋ ଦ୍ୱୀପ।

ଅମଲ: ହଁ ମ୍ୟାଡାମ। ଆପଣ ଠିକ କହିଛନ୍ତି। ସେଠିକାର ପରିସ୍ଥିତି ବହୁତ ଖରାପ ହେଉଛି। ବିଶେଷ କରି ଏବର୍ଷର ବନ୍ୟା ପରେ।

ଇନ୍ଦିରା: ଏ ବିଷୟରେ କେତେକ ସମ୍ବାଦପତ୍ରରେ ବି ରିପୋର୍ଟ ପ୍ରକାଶ ପାଇଥିଲା। କଥା କ'ଣ କି, ମୁଁ ଟିକେ ବାହାରକୁ ଚାଲି ଯାଇଥିଲି , ସେଥିପାଇଁ ପଢିପାରି ନ ଥିଲି।

ଅର୍ଜୁନ: ମ୍ୟାଡାମ, ୧୩.୪ ବର୍ଗ କିଲୋମିଟରର ଏଇ ଦ୍ୱୀପଟି ଏବେ ପୂରା ବଦଳି ଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ୨୦ ବର୍ଷ ଆଗେ ଦ୍ୱୀପଟି ସ୍ୱର୍ଗ ଭଳି ଥିଲା।

ଇନ୍ଦିରା: ଅର୍ଜୁନ, ତମେ କୋଉ କାମରେ ସେ ଦ୍ୱୀପକୁ ଯାଇଥିଲ।

ଅର୍ଜୁନ: କ୍ଷମା କରନ୍ତୁ ମ୍ୟାଡାମ। ପ୍ରଥମରୁ ଆପଣଙ୍କୁ କହିଦେବା ଉଚିତ ଥିଲା।

ଅମଲ:ପରିବେଶ ବିଷୟରେ। ଏଇ ବିଷରେ ସେ ସ୍ନାତକୋତ୍ତର କରୁଛି। ଆମେ ଗୋଟିଏ ପ୍ରକଳ୍ପ ପାଇଁ ଏଇ ଦ୍ୱୀପକୁ ଯାଇଥିଲୁ।

ଇନ୍ଦିରା: ତମ ପ୍ରକଳ୍ପର ବିଷୟ କ'ଣ?

ଅମଲ:ଏଇ ଦ୍ୱୀପରେ ୨୦୧୮ ମସିହାରେ ଆସିଥିବା ବନ୍ୟାର ପ୍ରଭାବ ଅଧ୍ୟୟନ କରୁଛି।

ଅର୍ଜୁନ:ମ୍ୟାଡାମ, ଗୋଟିଏ ସମୟ ଥିଲା ଯେତେବେଳେ ଏସବୁ ଦ୍ୱୀପ ନଡ଼ିଆ ଉତ୍ପାଦନ ପାଇଁ ପ୍ରସିଦ୍ଧ ଥିଲା। ଏଠି ବାଲିର କେତେ ପରସ୍ତ ଜମା ହୋଇଥିଲା। କିନ୍ତୁ ଆଜି ସେଠି ବାଲି ନାହିଁ କି ନଡ଼ିଆ ଗଛ ବି ନାହିଁ।

ଅମଲ:କିଛିଦିନ ପୂର୍ବେ ହିନ୍ଦୁ ଖବରକାଗଜରେ ନୱାମୀ ସୁଧୀଶଙ୍କର ଗୋଟିଏ ପ୍ରବନ୍ଧ ବାହାରିଥିଲା। ସେ ଦ୍ୱୀପ ଛାଡ଼ି କାହିଁକି ଲୋକମାନେ ଯାଉଛନ୍ତି ଆଉ ଏହାର କାରଣ ବିଷୟରେ ପ୍ରବନ୍ଧଟିରେ ଲେଖାଯାଇଥିଲା।

ଅର୍ଜୁନ:ଲୋକମାନଙ୍କ ଘରେ ପାଣି ପଶିଯାଉଛି । ଘରର କାନ୍ଥ ପଡ଼ିଯାଉଛି ଏବଂ ଅଗଣାରେ ପାଣି ଜମି ରହୁଛି। ଏଥିରୁ ଗନ୍ଧ ବାହାରୁଛି।

ଅମଲ:ସେମାନେ ଭାବୁଛନ୍ତି ଯେ ଆଗରୁ ସାରା ଦ୍ୱୀପଟି ପାଣିରେ ବୁଡ଼ିଯିବ।

ଇନ୍ଦିରା: ଏହି ଦ୍ୱୀପପୁଞ୍ଜରେ ଆଠଟି ଦ୍ୱୀପ ରହିଛି, ଏହାକୁ ମୁନରୋ ଥୁରୁଥୁ କୁହାଯାଏ। ଏଠି ଅଷ୍ଟାମୁଦୀ ହ୍ରଦ ଏବଂ କଲ୍ଲାଡ ନଦୀ ଆସି ମିଶିଛି।

ଅର୍ଜୁନ:ହଁ ଆଜ୍ଞା। ପ୍ରବନ୍ଧରେ ଲେଖାଯାଇଥିଲା ଯେ ଏଠି ଲୋକମାନେ ଭୟମୁକ୍ତ ହୋଇ ରହିବା ଅସମ୍ଭବ।

ଇନ୍ଦିରା: ଏଭଳି ସ୍ଥିତି ମାଲେସିଆ, ଟୁଭାଲୁ ଆଦି ନିମ୍ନ ଭୂମି ଅଞ୍ଚଳରେ

ଦେଖାଯାଉଛି। ସବୁଠାରୁ ବଡ଼ ସମସ୍ୟା ହେଉଛି ବିଶ୍ୱର ଅନ୍ୟ ଦେଶର ଲୋକମାନେ ଏବେ ବି ଏହାକୁ ଗୁରୁତର ସହ ନେଇନାହାନ୍ତି।

ଅର୍ଜୁନ: ସେଥିପାଇଁ ଆମେ ଆପଣଙ୍କ ପାଖକୁ ଆସିଛୁ ମ୍ୟାଡାମ । ଆମ କଲେଜର ପରିବେଶ ବିଭାଗ ଏ ବିଷୟରେ ଗୋଟିଏ କର୍ମଶାଳା ଆୟୋଜନ କରୁଛି। ଏହାର ମୂଳ କଥା ହେଉଛି ବଢୁଥିବା ଜଳସ୍ତର ଏବଂ ସାମୁଦ୍ରିକ ଉପକୂଳର କ୍ଷୟ। ଏଥିପାଇଁ ଆପଣଙ୍କୁ ନିମନ୍ତ୍ରଣ କରିବାକୁ ଆସିଛୁ।

ଇନ୍ଦିରା: କେବେ ଅଛି?

ଅମଲ:ଆସନ୍ତା ବୁଧବାର, ସକାଳ ୧୧ଟା ସମୟରେ। କଲେଜର ସେମିନାର ଘରେ ହେବ।

ଇନ୍ଦିରା: ମୁଁ ଦେଖୁଛି, ମୋର କ'ଣ କାମ ଅଛି...

ଅର୍ଜୁନ: ମ୍ୟାଡାମ ଆପଣ ଆସିବା ବହୁତ ଜରୁରୀ।

ଇନ୍ଦିରା: ହଁ ମୁଁ ସେଦିନ ଖାଲି ଅଛି। ମୁଁ ନିଶ୍ଚୟ ଆସିବି।

ଅମଲ:ସେ ଦ୍ୱୀପରେ ରହୁଥିବା କିଛି ଲୋକଙ୍କୁ ବି ଆମନ୍ତ୍ରଣ କରିଛୁ।

ଇନ୍ଦିରା: ବହୁତ ଭଲ କଥା। ସେଇ ଅନୁସାରେ ମୁଁ ପ୍ରସ୍ତୁତ ହେବି।

ଅମଲ:ଆମେ ଆପଣଙ୍କୁ ନେବାକୁ ଆସିବୁ।

ଇନ୍ଦିରା: ବହୁତ ଭଲ ହେବ। ମତେ ଆମ ସଂସ୍ଥାରୁ ନେବ।

ଅମଲ:ଠିକ ଅଛି ମ୍ୟାଡାମ।

ଅର୍ଜୁନ:ଆମେ ଏବେ ଆସୁଛୁ ମ୍ୟାଡାମ।

ଦୃଶ୍ୟ ୨

(ମୁନରୋ ଥୁରୁତୋର ଗ୍ରାମ ପଞ୍ଚାୟତ, ଏହାର ମୁଖ୍ୟ ବିନ୍ଦୁ ଏବଂ ୱାର୍ଡ ସଭ୍ୟ ଜଗନ ଅଛନ୍ତି)

ବିନ୍ଦୁ: ଆଚ୍ଛା ସେମାନେ ଆସିଲେଣି। ଅର୍ଜୁନ ସାର୍, ଭିତରକୁ ଆସନ୍ତୁ। ଅମଲ ବାବୁ କେମିତି ଅଛନ୍ତି? ପଢ଼ାପଢ଼ି କେମିତି ଚାଲିଛି?

ଅମଲ:ମୁଁ ଠିକ ଅଛି ଦିଦି। ଆପଣମାନେ କେମିତି ଅଛନ୍ତି?

ବିନ୍ଦୁ: ଏ ହେଉଛନ୍ତି ଗାଁର ଜଣେ ମୁଖ୍ୟ ଚାଷୀ, ଜଗନ।

ଅର୍ଜୁନ:ଆପଣମାନଙ୍କ ସହ ଭେଟ ହେବାରୁ ବହୁତ ଖୁସି ଲାଗୁଛି। ଆସନ୍ତା ସପ୍ତାହରେ କଲେଜରେ ଗୋଟିଏ କର୍ମଶାଳା ହେବ। ସେଥିପାଇଁ ଆପଣମାନଙ୍କ ଆମନ୍ତ୍ରଣ କରିବାକୁ ଆମେ ଆସିଛୁ।

ଅମଲ:ମୁଁ ଏଠି ଗୋଟିଏ କଥା ସ୍ପଷ୍ଟ କରିଦେଉଛି ଯେ ଆମେ ସେଠି ଏ ଦ୍ୱୀପର ସମସ୍ୟା ସହିତ ଏହା ସହିତ ଯୋଡ଼ା ଅନ୍ୟ ବିଷୟ ଉପରେ ବି ଆଲୋଚନା କରିବୁ। ଏଥିରେ ବିଶ୍ୱସ୍ତରର ସମସ୍ୟା ଉପରେ ବି ଚର୍ଚ୍ଚା ହେବ। ବିଶ୍ୱ ଉଷ୍ମାୟନ, ସମୁଦ୍ରର ଜଳସ୍ତର ବଢ଼ିଆ ଆଦି ମୁଖ୍ୟ ପ୍ରସଙ୍ଗ ହେବ।

ଅର୍ଜୁନ:ଆମେ ଭାବୁଛୁ ଯେ ବିଶ୍ୱ ଉଷ୍ମାୟନ , ଜଳବାୟୁ ପରିବର୍ତ୍ତନ, ସାମୁଦ୍ରିକ ଜଳସ୍ତର ବଢ଼ିବା ଭଳି ଆବଶ୍ୟକ କଥା ଆମେ ସମସ୍ତେ ଜାଣିବା ଜରୁରୀ। ଏଭଳି ବିଷୟରେ ଜାଣିଥିଲେ ଆମେ ଆଗକୁ ଆସୁଥିବା ବିପଦର

ସମାଧାନ ଖୋଜି ପାରିବା।

ଜଗନ:ଠିକ କହିଛ ବାବୁ। ଆମେ ବି ଏ ସବୁ ବିଷୟରେ ଜାଣିବାକୁ ଚାହୁଁଛୁ। ଆମେ ଚାହୁଁଛୁ ଜଳବାୟୁର ପରିବର୍ତ୍ତନ, ବିଶ୍ୱ ଉଷ୍ମାୟନ, ସୁନାମି, ଭୁଲ ବିକାଶ ଯୋଜନା ଏବଂ ପ୍ରଦୂଷଣ ଉପରେ ନୀତି ନିର୍ଦ୍ଧାରକଙ୍କ ଧ୍ୟାନ ଯିବା କଥା।

ବିନ୍ଦୁ: ଏହି ଦ୍ୱୀପରେ ହେଉଥିବା କ୍ଷୟ ଏବଂ ପରିବର୍ତ୍ତନ ଉପରେ ଅନେକ ଥର ଚର୍ଚ୍ଚା ହୋଇଛି। ଏପରିକି ସଂସଦରେ ବି ଏ ବିଷୟରେ ପ୍ରଶ୍ନ ଉଠାଯାଇଛି। କିନ୍ତୁ ଏଯାଏଁ କୌଣସି ଫଳପ୍ରଦ ସମାଧାନ ବାହାରି ପାରିନାହିଁ।

ଅର୍ଜୁନ:ମୁଁ ଜଣେ ବିଶେଷଜ୍ଞଙ୍କୁ ଭେଟିଛି । ସେ ଏଭଳି ଦ୍ୱୀପମାନଙ୍କ ସମସ୍ୟା ଉପରେ ଗବେଷଣା କରିଛନ୍ତି। ଏଠି ପିଇବା ପାଣି ହେଉଛି ସବୁଠାରୁ ବଡ଼ ସମସ୍ୟା।

ବିନ୍ଦୁ: ହଁ, ସବୁଆଡ଼େ ପାଣି ଆଉ ପାଣି। କିନ୍ତୁ ପିଇବା ପାଇଁ ବୁନ୍ଦାଏ ବି ନାହିଁ। ଜୁଆର ଆସିବା ସମୟରେ ଜଳ ବିତରଣ ପୂରା ବନ୍ଦ ହୋଇଯାଏ। ଆମକୁ ବଡ଼ ବଡ଼ କ୍ୟାନରେ ପାଣି ଆଣିବାକୁ ପଡ଼େ।

ଅମଲ:ମୋର ମନେଅଛି। ସୁନାମି ଆସିବା ଆଗରୁ ବର୍ଷରେ କେବଳ ଦୁଇମାସ ପାଣି ବୋହି ଆଣିବାକୁ ହେଉଥିଲା। କିନ୍ତୁ ଏବେ ତ ଆଠମାସ ଧରି ଏଇ ସମସ୍ୟା ରହୁଛି।

ଜଗନ:କିଛି ବର୍ଷ ଆଗରୁ ଏ ଦ୍ୱୀପ ନଡ଼ିଆ ଉତ୍ପାଦନରେ ସବୁଠାରୁ ଆଗରେ

ଥିଲା। କିନ୍ତୁ ସମୁଦ୍ର ପାଣି ମାଡ଼ିଯିବାରୁ ମାଟିକୁ ପୂରା ଅନୁର୍ବର କରିଦେଇଛି।

ବିନ୍ଦୁ: ନୂଆ ନଡ଼ିଆ ଗଛରେ ଫଳ ଆସିବା ବି ବନ୍ଦ ହୋଇଗଲାଣି।

ଜଗନ:ନଡ଼ିଆ ଆଧାରିତ ସବୁ କୁଟୀରଶିଳ୍ପ ବହୁତ ମାତ୍ରାରେ ପ୍ରଭାବିତ ହୋଇଛି।

ଅମଲ:ଏବେ ଚାଷୀଭାଇମାନେ କି ପ୍ରକାର କାମ କରୁଛନ୍ତି।

ବିନ୍ଦୁ: ଏବେ ମାତ୍ର ଗୋଟିଏ ସାଧନ ହେଉଛି ମାଛ ଧରିବା। ଗତ କିଛି ବର୍ଷ ଭିତରେ ଅନେକଗୁଡ଼ିଏ ନୂଆ ମାଛ ଫାର୍ମ ବିକଶିତ ହୋଇଛି। କିନ୍ତୁ ବନ୍ୟା ପୂରା ଦ୍ୱୀପର ପରିସ୍ଥିତିକୀକୁ ବିଗାଡ଼ି ଦେଇଛି।

ଜଗନ:ଏସବୁର ଫଳ ଆମ ଚାଷୀଭାଇଙ୍କୁ ଭୋଗୀବାକୁ ହେଉଛି।

ଅର୍ଜୁନ:କେରଳ ସରକାରଙ୍କ ମତ୍ସ୍ୟବିଭାଗର ଉପ ନିର୍ଦ୍ଦେଶକଙ୍କ ମତରେ ବନ୍ୟା ଏଠିକାର ପାଣିର ରାସାୟନିକ ଗୁଣଧର୍ମ ବଦଳାଇ ଦେଇଛି। ଏହାର ପ୍ରଭାବ ଅଣୁଜୀବଙ୍କ ଉପରେ ପଡିଛି। ପ୍ଲାଙ୍କଟନ୍ ସଂଖ୍ୟା କମିବା ଯୋଗୁ ମତ୍ସ୍ୟପାଳନ ବି କମିଯାଉଛି।

ଜଗନ:ଅଷ୍ଟାମୁଦୀ ହ୍ରଦର ପରିବେଶ ଅନେକ କାରଣରୁ ପ୍ରଭାବିତ ହେଉଛି। ଏ ଭିତରୁ କିଛି କାରଣ ହେଉଛି ବିଶ୍ୱ ଉଷ୍ମାୟନ ଏବଂ ଜଳବାୟୁ ପରିବର୍ତ୍ତନ।

ବିନ୍ଦୁ: ସବୁ ବୈଜ୍ଞାନିକ ଗବେଷଣା କହୁଛି ଯେ ସବୁ ଛୋଟ ଛୋଟ ଦ୍ୱୀପ ବୁଡ଼ିବା ଉପରେ। ଏଥିପାଇଁ ଖୁବ୍ ଶୀଘ୍ର କିଛି ପଦକ୍ଷେପ ନେବା ଜରୁରୀ।

ଜଗନ:ଆମକୁ ଦୀର୍ଘକାଳୀନ ସହିତ ସ୍ୱଳ୍ପକାଳୀନ ଯୋଜନା ବି ହାତକୁ ନେବା ଦରକାର।

ଅର୍ଜୁନ:ଆମେ ଆପଣଙ୍କ ସମସ୍ୟା ସମ୍ବନ୍ଧୀତ ବିଭାଗକୁ ପଠେଇବା ପାଇଁ ଚେଷ୍ଟା କରିବୁ। ସେଥିପାଇଁ ବିଶ୍ୱ ଉଷ୍ମାୟନ, ଜଳବାୟୁ ପରିବର୍ତ୍ତନ, ସମୁଦ୍ର ପତନ ବୃଦ୍ଧି, ଉପକୂଳ କ୍ଷୟ ଆଦି ଉପରେ ହେଉଥିବା କର୍ମଶାଳାକୁ ଆପଣମାନଙ୍କୁ ଆମନ୍ତ୍ରଣ କରିବାକୁ ଆସିଛୁ।

ବିନ୍ଦୁ: ଏଥିରେ ଭାଗ ନେବା ପାଇଁ ଆମେ ନିଶ୍ଚୟ ତମ କଲେଜ ଆସିବୁ।

ଅମଲ:ଦିଦି, ଆମେ ଏବେ ଯାଉଛୁ। ମୁଁ ମୋ ପ୍ରକଳ୍ପ କାମ ପାଇଁ ତ ପ୍ରାୟ ଆସିବି।

ଦୃଶ୍ୟ ୩

(କଲେଜର ସେମିନାର ଘର, ଲୋକମାନେ ଯିବାଆସିବା କରୁଛନ୍ତି, ହାଲୁକା ସଙ୍ଗୀତ ବାଜୁଛି)

ଉଦଘୋଷକ: ନମସ୍କାର। ଆପଣମାନଙ୍କୁ ସ୍ୱାଗତ କରୁଛି। ବାହାର ରହିଥିବା ସାଥିମାନେ ଆସି ନିଜ ନିଜ ଆସନ ଗ୍ରହଣ କରିବାକୁ ଅନୁରୋଧ। କାର୍ଯ୍ୟକ୍ରମ ବହୁତ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ବାହାରେ ଚା ଜଳଖିଆ ରଖାଯାଇଛି। ଆପଣମାନେ ଚା ପିଇ ଆସିପାରିବେ।

ଅର୍ଜୁନ:ଅମଲ, ତମେ ଅଧ୍ୟକ୍ଷଙ୍କ କୋଠରୀକୁ ଯାଅ। ଡ. ଇନ୍ଦିରା ଏବେ ଆସି ପହଞ୍ଚିଲେ। ସେ ସକାଳୁ ସକାଳୁ କାମରେ ବ୍ୟସ୍ତ ଥିଲେ , ଟିକେ

ଧୁଆଧୋଇ ହେବାକୁ ଚାହିଁବେ। ମୁଁ ସେଠି ପଇଡ଼ ପାଣିର ବ୍ୟବସ୍ଥା କରିଛି। ଟିକେ ଦୟାକରୀ ସେଠିକୁ ଯାଇ ବ୍ୟବସ୍ଥା ଦେଖ।

ଅମଲ:ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ସାର୍। ମୁଁ ଯାଇ ସବୁ ଦେଖୁଛି।

ଉଦଘୋଷକ: ଆଶାକରୁଛି ଆପଣମାନେ ଚା ଜଳଖିଆ ଖାଇ ଆସିଲେ। ଆମର ଅତିଥି ପହଞ୍ଚୁଛନ୍ତି ଏବଂ ଶୀଘ୍ର କାର୍ଯ୍ୟକ୍ରମ ଆରମ୍ଭ ହେବ। ଆପଣମାନେ ଆସନ ଗ୍ରହଣ କରନ୍ତୁ।

(ବିନ୍ଦୁ, ଜଗନ, ଇନ୍ଦିରାଙ୍କ ପ୍ରବେଶ, ସମସ୍ତେ ତାଳି ମାରୁଛନ୍ତି)

ଆଦରଣୀୟ ଅତିଥିଗଣ। ନମସ୍କାର। ଆପଣ ସମସ୍ତଙ୍କୁ ସ୍ୱାଗତ କରୁଛି। କାର୍ଯ୍ୟକ୍ରମ ଆରମ୍ଭ କରିବା ଆଗରୁ ଆଜିର ମୁଖ୍ୟ ଅତିଥି ଡ . ଇନ୍ଦିରାଙ୍କୁ ମଞ୍ଚ ଉପରକୁ ଆସିବା ପାଇଁ ଅନୁରୋଧ କରୁଛି। ଗ୍ରାମପଞ୍ଚାୟତର ମୁଖ୍ୟ ଶ୍ରୀମତୀ ବିନ୍ଦୁ ଏବଂ ବରିଷ୍ଠ କୃଷକ ନେତା ଜଗନଙ୍କୁ ମଧ୍ୟ ଅନୁରୋଧ କରୁଛି ମଞ୍ଚ ଉପରେ ଆସନ ଗ୍ରହଣ କରନ୍ତୁ। ଆଲୋଚନାର ସଂଯୋଜକ ଡ. ଅର୍ଜୁନଙ୍କୁ ଅନୁରୋଧ କରୁଛି ଯେ ସେ ଅତିଥିମାନଙ୍କୁ ସ୍ୱାଗତ କରନ୍ତୁ।

ଅର୍ଜୁନ:ଆପଣମାନଙ୍କୁ ଆଉ ଥରେ ସ୍ୱାଗତ ଜଣାଉଛି । ଆମେ ସମସ୍ତେ ଗୋଟିଏ ଅତି ଗୁରୁତର ବିଷୟ ଉପରେ ଆଲୋଚନା କରିବା ପାଇଁ ଆଜି ଏକାଠି ହୋଇଛେ। ଡ. ଇନ୍ଦିରା ସମୁଦ୍ର ବିଜ୍ଞାନର ଜଣେ ବିଶେଷଜ୍ଞ ଏବଂ ବିଖ୍ୟାତ ବୈଜ୍ଞାନିକ। ତାଙ୍କୁ ଆମ ଗହଣରେ ପାଇ ଆମେ ବହୁତ ଖୁସି। ତାଙ୍କୁ ସ୍ୱାଗତ କରୁଛି। ପଞ୍ଚାୟତର ମୁଖ୍ୟ ଶ୍ରୀମତୀ ବିନ୍ଦୁ ଏବଂ ଜଗନ ଦାଦାଙ୍କୁ ମଧ୍ୟ ସ୍ୱାଗତ କରୁଛି। ବୟୋଜ୍ୟେଷ୍ଠ ହୋଇଥିବାରୁ ଜଗନ

ଦାଦାଙ୍କୁ ସମସ୍ତେ ବହୁତ ସମ୍ମାନ କରନ୍ତି। ତାଙ୍କ ଅନୁଭୂତିରୁ ଆମକୁ ଅନେକ କିଛି ଶିଖିବାକୁ ମିଳିବ। ଶେଷରେ ମୁଁ ଆପଣ ସମସ୍ତଙ୍କୁ ସ୍ୱାଗତ କରୁଛି। ଆଶାକରୁଛି ଆଜିର ଏଇ ଆଲୋଚନା ନିଶ୍ଚୟ ଫଳପ୍ରଦ ହେବ।

ଘୋଷକ: ଏବେ ମୁଁ ଡ . ଇନ୍ଦିରାଙ୍କୁ ଆମନ୍ତ୍ରିତ କରୁଛି ଆଜିର ଆଲୋଚନା ଆରମ୍ଭ କରିବେ। ଡ. ଇନ୍ଦିରା...

ଇନ୍ଦିରା: ଆପଣମାନଙ୍କୁ ସମସ୍ତଙ୍କୁ ଧନ୍ୟବାଦ। ଆଲୋଚନାର ଗଭୀରତାକୁ ଯିବା ଆଗରୁ ମୋର କିଛି ପ୍ରଶ୍ନ ରହିଛି। ଆଚ୍ଛା ଆପଣମାନେ ବିଶ୍ୱ ଉଷ୍ମାୟନ, ଜଳବାୟୁ ପରିବର୍ତ୍ତନ, ସମୁଦ୍ର ପତନ ବୃଦ୍ଧି ଆଦି ବିଷୟରେ କ'ଣ ଜାଣିଛନ୍ତି ବା କିପରି ଭାବରେ ଗ୍ରହଣ କରୁଛନ୍ତି । ଆପଣମାନଙ୍କ ଭିତରୁ କେହି ଆସି ଏଠି କୁହନ୍ତୁ।

ଜଣେ ଶ୍ରୋତା: ମୁଁ ଜଣେ କୃଷି ମୂଲିଆ । ଏକଥା କ'ଣ ସତ ଯେ ସମୁଦ୍ର ପତନ ଉପରକୁ ଉଠୁଛି?

ଇନ୍ଦିରା: ଆରମ୍ଭ କରିବା ପାଇଁ ବଢ଼ିଆ ପ୍ରଶ୍ନ । ଉପଗ୍ରହରୁ ପ୍ରାପ୍ତ ତଥ୍ୟ ଅନୁସାରେ ୧୯୯୩ ମସିହା ପରେ ପ୍ରତି ବର୍ଷ ୩ ମିଲିମିଟର ହାରରେ ସମୁଦ୍ର ପତନ ବଢୁଛି। ଏହି ବୃଦ୍ଧି ଗତ ଅର୍ଦ୍ଧ ଶତାବ୍ଦୀ ତୁଳନାରେ ବହୁତ ବେଶୀ। ଗୋଟିଏ ଅଧ୍ୟୟନରୁ ଜଣାଯାଇଛି ଯେ ୧୯୯୩ରୁ ୨୦୧୭ ମସିହା ଭିତରେ ଜଳସ୍ତର ୭ ସେଣ୍ଟିମିଟର ବଢ଼ିଛି।

ଜଣେ ଛାତ୍ର: ଜଳବାୟୁ ପରିବର୍ତ୍ତନ ଆଉ ସମୁଦ୍ର ଜଳସ୍ତର ବଢ଼ିବା ଭିତରେ କ'ଣ ସମ୍ପର୍କ ରହିଛି?

ଇନ୍ଦିରା: ସମୁଦ୍ର ଜଳସ୍ତର ତିନୋଟି କାରଣରୁ ହେଉଛି। ଅମଲ, ତମେ ଏ ବିଷୟରେ କିଛି କହିବ...

ଅମଲ:ହଁ ମ୍ୟାଡାମ, ପ୍ରଥମ କାରଣ ହେଉଛି ଗରମ ଯୋଗୁ ତାପମାତ୍ରା ବଢ଼ିବା ଆଉ ଏଥିପାଇଁ ଜଳ ପ୍ରସାରିତ ହେବା..

ଇନ୍ଦିରା: ତମେ ଠିକ କହିଛ। ପାଣି ଗରମ ହେଲେ ପ୍ରସାରିତ ହୁଏ। ଆପଣମାନେ ବି ଏ ବିଷୟରେ ଜାଣିଛନ୍ତି। ଗତ ଶତାବ୍ଦୀରେ ସମୁଦ୍ର ଜଳର ତାପମାତ୍ରା ବଢ଼ିଛି। ଫଳରେ ଜଳସ୍ତର ବଢ଼ିଛି। ଆଚ୍ଛା ଆଉ କ'ଣ କାରଣ ହୋଇପାରେ କିଏ କହିବ କି?

ଛାତ୍ର୨: ହିମବାହ ଏବଂ ମେରୁ ଅଞ୍ଚଳରେ ଜମିଥିବା ବରଫ ତରଳିବା ଯୋଗୁ।

ଇନ୍ଦିରା: ପୂରା ଠିକ କହିଛ। ଡ. ଅର୍ଜୁନ ଆପଣ ଏହା ଉପରେ ଅଧିକ କହିପାରିବେ।

ଅର୍ଜୁନ:ପୃଥିବୀର ତାପମାତ୍ରା ବଢ଼ିବା ଯୋଗୁ ହିମବାହ ଏବଂ ମେରୁଅଞ୍ଚଳରେ ଜମିଥିବା ବରଫ ତରଳିବାର ହାର ଧୀରେ ଧୀରେ ସାଧାରଣରୁ ଅଧିକ ହେଉଛି।

ଇନ୍ଦିରା: ହଁ, ଶୀତଦିନ ଡେରିରେ ଆସିବା ଆଉ ଜଲ୍‌ଦି ଚାଲିଯିବା ଯୋଗୁ ବରଫ ତରଳିବା ହାର ବଢୁଛି। ଅସନ୍ତୁଳନ ବଢୁଛି, ଫଳରେ ଜଳସ୍ତରରେ ବୃଦ୍ଧି। ଏ ଦୁଇଟି କାରଣ ଛାଡ଼ି ଆଉ ଗୋଟିଏ କାରଣ ରହିଛି।

ଅର୍ଜୁନ:ଗ୍ରୀନଲାଣ୍ଡ ଆଉ ପଶ୍ଚିମ ଆଣ୍ଟାର୍କଟିକାର ବରଫ ତରଳିବା ଆଉ ଏହା

କମିବା।

ଇନ୍ଦିରା: ତାପମାତ୍ରା ବଢ଼ିବା ଯୋଗୁ ଉଭୟ ମେରୁରେ ଜମିଥିବା ବରଫ ତରଳୁଛି। ସମୁଦ୍ରର ଜଳର ତାପମାତ୍ରା ବଢୁଛି, ଫଳରେ ଆଣ୍ଟାର୍କଟିକା ଚାରିଆଡ଼େ ଜମିଥିବା ବରଫର ବଡ଼ ବଡ଼ ପରସ୍ତ ତରଳି ପାଣି ହୋଇଯାଉଛି। ଏହା ଯୋଗୁ ବି ସମୁଦ୍ର ଜଳସ୍ତର ବଢୁଛି।

ଅମଲ:ମ୍ୟାଡାମ, ମୋର ଗୋଟିଏ ପ୍ରଶ୍ନ ଅଛି।

ଇନ୍ଦିରା: ଆପଣମାନଙ୍କ ପ୍ରଶ୍ନକୁ ସ୍ୱାଗତ।

ଅମଲ:ଭବିଷ୍ୟତରେ ସମୁଦ୍ର ଜଳସ୍ତର ବିଷୟରେ କିଛି କଳ୍ପନା କରିପାରିବା।

ଇନ୍ଦିରା: ବୈଜ୍ଞାନିକଙ୍କ ପାଇଁ ଏହା ଗୋଟିଏ ବହୁତ ବଡ଼ ଆହ୍ୱାନ । ପରିବେଶ ଆଉ ଜଳବାୟୁ ପରିବର୍ତ୍ତନ ଉପରେ ଆମର ଜ୍ଞାନ ଏବେ ଅପୂର୍ଣ୍ଣ। କମ୍ପ୍ୟୁଟର ମଡେଲିଂ ମାଧ୍ୟମରେ ଏହା ଯେତେ ଯେତେ ସୁଧୁରୁଛି, ଏ କ୍ଷେତ୍ରରେ ବିଶେଷଜ୍ଞ ବି ସେତିକି ବଢୁଛନ୍ତି।

ଅର୍ଜୁନ:ମ୍ୟାଡାମ, ଗୋଟିଏ ଉଦାହରଣ...

ଇନ୍ଦିରା: ହଁ। ୨୦୦୭ ମସିହାରେ ଆଇପିସିସି ପ୍ୟାନେଲ ବା ଜଳବାୟୁ ପରିବର୍ତ୍ତନ ଉପରେ ଥିବା ଆନ୍ତଃସରକାର ପ୍ୟାନେଲ ଅନୁମାନ କରିଥିଲା ଯେ ୨୦୯୯ ମସିହା ବେଳକୁ ଏହି ବୃଦ୍ଧି ୦.୬ ମିଟର ଯାଏଁ ହେବାର ସମ୍ଭାବନା ରହିଛି। କିନ୍ତୁ ଏବେ ୨୦୧୪ ମସିହାର ରିପୋର୍ଟ ଅନୁସାରେ ୨୦୯୯ ମସିହା ବେଳକୁ ସମୁଦ୍ରର ଜଳସ୍ତର ୦.୯ ମିଟର ବଢ଼ିବାର ସମ୍ଭାବନା ରହିଛି। ଆହୁରି ଅନ୍ୟ ଅଧ୍ୟୟନରେ ଦେଖିବାକୁ ମିଳୁଛି ଯେ

ଆସନ୍ତା ଶତାବ୍ଦୀ ବେଳକୁ ସାମୁଦ୍ରିକ ଜଳସ୍ତର ୨ରୁ ୨-୭ ମିଟର ଯାଏଁ ବଢ଼ିବ।

ବିନ୍ଦୁ: ମ୍ୟାଡାମ, ସାଧାରଣ ଲୋକ ଏହି ପୂର୍ବାନୁମାନ ବିଷୟରେ କିଛି ବି ଜାଣିନାହାନ୍ତି। ଏହାର ଗୁରୁତ୍ୱ ବିଷୟରେ ସେମାନେ ବୁଝିନାହାନ୍ତି। ପ୍ରଥମ କଥା ହେଲା ଏଭଳି ସୂଚନା ତାଙ୍କ ପାଖରେ ପହଞ୍ଚୁନାହିଁ ମଧ୍ୟ। ଏସବୁ କେବଳ ବୈଜ୍ଞାନିକ ଗୋଷ୍ଠୀ ଭିତରେ ସୀମିତ ରହିଯାଉଛି। ଆମ ପାଖରେ ପହଞ୍ଚି ପାରୁନାହିଁ।

ଜଗନ: ବିପର୍ଯ୍ୟୟ ସମୟରେ ବି କିଭଳି ସତର୍କତା ରଖିବା ଦରକାର ସେ ବିଷୟରେ ବି କିଛି ସୂଚନା ଦିଆଯାଉନାହିଁ।

ଅମଲ:ଠିକ କହିଛନ୍ତି। ବୈଜ୍ଞାନିକ, ନୀତି ନିର୍ଦ୍ଧାରକ, ପ୍ରଶାସନିକ ଅଧିକାରୀ ଏବଂ ସାଧାରଣ ଲୋକଙ୍କ ଭିତରେ ଗୋଟିଏ ବଡ଼ ଖାଇ ରହିଛି । ଯେଉଁଥିପାଇଁ ସୂଚନା ଠିକ ସମୟରେ ଠିକ ଜାଗାରେ ପହଞ୍ଚି ପାରୁନାହିଁ।

ଇନ୍ଦିରା: ଆପଣମାନଙ୍କ କଥା ମୁଁ ଗ୍ରହଣ କରୁଛି। ଏବେ ବି ବୈଜ୍ଞାନିକ ନିଜ ପ୍ରୟୋଗଶାଳାରୁ ବାହାରୁ ପାରୁନାହାନ୍ତି। କିନ୍ତୁ ଆମେ ପୂରା ଚେଷ୍ଟା କରିବୁ ଯେ ସୂଚନା ଆପଣମାନଙ୍କ ପାଖରେ ପହଞ୍ଚିବ।

ଅଧ୍ୟାପକ: ଆପଣ ଯେଉଁ ତିନୋଟି କାରକ ବିଷୟରେ କହିଲେ ସେସବୁର କେତେ ଭୂମିକା ରହିଛି।

ଇନ୍ଦିରା: ୧୯୯୩ ମସିହା ପରେ ସାମୁଦ୍ରିକ ଜଳସ୍ତର ବୃଦ୍ଧି ବିଷୟରେ ଯାହା ସୂଚନା ରହିଛି ସେଥିରୁ ସମୁଦ୍ରର ତାପମାତ୍ରାର ଭୂମିକା ଶତକଡ଼ା ୪୨

ରହିଛି। ହିମବାହ ତରଳିବା ଯୋଗୁ ଶତକଡ଼ା ୨୧ ଭାଗ ବଢ଼ିବାର ଦେଖାଯାଇଛି। ବାକି ଶତକଡ଼ା ୧୫ ଭାଗ ବଢ଼ିବାର କାରଣ ଗ୍ରୀନଲାଣ୍ଡ ଏବଂ ଶତକଡ଼ା ୧୮ ଭାଗ ଆଣ୍ଟାର୍କଟିକା ବରଫ ତରଳିବା ଯୋଗୁ ହେଉଛି।

ବିନ୍ଦୁ: ସମୁଦ୍ରର ଜଳସ୍ତର କ'ଣ ସବୁ ଜାଗାରେ ଏକା ଭଳି ବଢୁଛି?

ଇନ୍ଦିରା: ଅର୍ଜୁନ ଏ ବିଷୟରେ ଆପଣଙ୍କର କ'ଣ କହିବାର ଅଛି।

ଅର୍ଜୁନ:ସମୁଦ୍ରର ଜଳସ୍ତର ସବୁ ଜାଗାରେଏକା ଭଳି ବଢୁନାହିଁ। କେତେ ଜାଗାରେ ତ ଜଳସ୍ତର କମିଛି। ଏଥିପାଇଁ ଜୁଆର ଭଟ୍ଟା, ମାଟି ତଳକୁ ଧସିଯିବା, ଟେକ୍ଟୋନିକ୍ ଖଣ୍ଡ, ବାତ୍ୟା ଭଳି ଅନେକ ସ୍ଥାନୀୟ କାରକ ରହିଛି।

ଅମଲ:ସମୁଦ୍ର ଜଳସ୍ତର ବୃଦ୍ଧି ଯୋଗୁ କେଉଁମାନେ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି।

ଇନ୍ଦିରା: ଏହାର ସବୁଠାରୁ ଅଧିକ ପ୍ରଭାବ ସ୍ଥାନୀୟ ଜନବସତି ଉପରେ ପଡ଼େ। ପ୍ରାକୃତିକ ପରିବେଶ ବିଗିଡ଼ିଯାଏ। ପୂରା ପରିସ୍ଥିତିକୀ ଅସନ୍ତୁଳିତ ହୋଇଯାଏ।

ଜଗନ:ସମାଜ ଏଥିପ୍ରତି କିଭଳି ପ୍ରତିକ୍ରିୟା ଦେଖାଇବ?

ଇନ୍ଦିରା: ବହୁତ ଭଲ ପ୍ରଶ୍ନ। ତିନିଟି ଉପାୟ ରହିଛି... ପଛକୁ ହଟିଯିବା, ପରିସ୍ଥିତି ଅନୁସାରେ ନିଜକୁ ବଦଳାଇ ଦେବା ଏବଂ ନିଜର ରକ୍ଷା କରିବା।

ଅମଲ:ଏ ତିନୋଟି ଯାକ ଉପାୟ କ'ଣ ଏକା ସାଙ୍ଗରେ ସମ୍ଭବ ନୁହେଁ?

ଇନ୍ଦିରା: କେବେ କେବେ ... ପରିସ୍ଥିତି ଅନୁସାରେ ଆପଣଙ୍କୁ ଚାଲିବାକୁ ହେବ। ପ୍ରାକୃତିକ ବାଧା ଯୋଗୁ, ପରିବେଶ ତନ୍ତ୍ର ନିଜେ ନିଜେ ପରିସ୍ଥିତି ଅନୁସାରେ ନିଜକୁ ବଦଳାଇବା ପାଇଁ ସକ୍ଷମ।

ଅମଲ:ଅତୀତର ଜଳସ୍ତର ବୃଦ୍ଧିର ଅଧ୍ୟୟନ ବର୍ତ୍ତମାନ ଏବଂ ଭବିଷ୍ୟତର ପରିବର୍ତ୍ତନକୁ ବିଶ୍ଳେଷଣ କରିବାରେ କିପରି ସହାୟକ ହେବ।

ଇନ୍ଦିରା: ବର୍ତ୍ତମାନକୁ ବୁଝିବା ପାଇଁ ଅତୀତର ଅନୁଭୂତି ବହୁତ ଆବଶ୍ୟକ। ଏଠି ବି ଏଇ ନିୟମ ଲାଗୁ ହୁଏ। କିଛି ଦଶକ ଆଗରୁ ତାପମାତ୍ରା ବଢ଼ିବା ଆଉ ବରଫ ତରଳିବା ଘଟଣା, ସମୁଦ୍ର ଜଳସ୍ତର ବଢ଼ିବାର ସମ୍ଭାବନାକୁ ବୁଝିବାରେ ବହୁତ ସହାୟକ ହୋଇପାରିବ।

ଅର୍ଜୁନ: ଶିଳ୍ପ ବିପ୍ଳବ ସମୟରେ ଆଗ ଅପେକ୍ଷା ପୃଥିବୀର ତାପମାତ୍ରା ୨ ଡିଗ୍ରୀ ବଢ଼ିଥିଲା ଏବଂ ସମୁଦ୍ର ଜଳସ୍ତର ବର୍ତ୍ତମାନ ସ୍ତରଠାରୁ ୫ ମିଟର ଉପରେ ଥିଲା।

ଇନ୍ଦିରା: ଏସବୁ ହୋଇଥିଲା ପୃଥିବୀର କକ୍ଷରେ ହୋଇଥିବା କିଛି ପରିବର୍ତ୍ତନ ଯୋଗୁ। ଏହି ପରିସ୍ଥିତିରେ ପୃଥିବୀ ତା କକ୍ଷରେ ଟିକିଏ ଢଳି ଯାଇଥିଲା ଏବଂ ଏହାର ଅକ୍ଷରେ ବି କିଛି ପରିବର୍ତ୍ତନ ଆସିଥିଲା। ଫଳରେ ପୃଥିବୀର ମଝି ଅଞ୍ଚଳରେ ପହଞ୍ଚୁଥିବା ସୂର୍ଯ୍ୟଙ୍କ ଶକ୍ତି ଶତକଡ଼ା ୨୫ ଭାଗ କମିଯାଇଥିଲା।

ଅର୍ଜୁନ: ପୃଥିବୀର ଏହି ବର୍ଦ୍ଧିତ ତାପମାତ୍ରା ହଜାର ହଜାର ବର୍ଷ ଯାଏଁ ରହିଲା।

ସେ ସମୟରେ ଗ୍ରୀନଲାଣ୍ଡ ଆଉ ଆଣ୍ଟାର୍କଟିକାର ବରଫ ତରଳିବା ଯୋଗୁ ସାମୁଦ୍ରିକ ଜଳସ୍ତର ବଢ଼ିଥିଲା।

ଜଗନ: ମୁଁ ଆପଣମାନଙ୍କ କଥା କିଛି ବୁଝିପାରୁନାହିଁ। କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ ଆମ ଏଇ ପୃଥିବୀ ଏପରି ଗୋଟିଏ ଏକକ ଯେଉଁଠି ଗ୍ରୀନଲାଣ୍ଡ ବା ଆଣ୍ଟାର୍କଟିକା ଭଳି କୌଣସି ଗୋଟିଏ ଦୂର ଜାଗାରେ ଅତି ଛୋଟିଆ ପରିବର୍ତ୍ତନଟିଏ ହେଲେ ବି ତା 'ର ପ୍ରଭାବ ଆମ ଅଞ୍ଚଳରେ ପଡ଼ିବ।

ଇନ୍ଦିରା: ଜଗନ, ଆପଣ ପୂରା ଠିକ କହିଛନ୍ତି। ବଞ୍ଚିବା ପାଇଁ ଆମ ପାଖରେ ମାତ୍ର ଗୋଟିଏ ପୃଥିବୀ ରହିଛି। ପ୍ରାୟ ୨୦ ହଜାର ବର୍ଷ ପୂର୍ବେ ସାମୁଦ୍ରିକ ଜଳସ୍ତର ପ୍ରଚୁର ୧୨୫ ମିଟରରୁ ବି ଅଧିକ ବଢ଼ିଯାଇଥିଲା। ଯଦି ବରଫସ୍ତର ପ୍ରତିବର୍ଷ ଶୂନ ମିଲିମିଟରରୁ ଆରମ୍ଭ କରି ୪୦ ମିଟର ତରଳେ, ତାହେଲେ ସମୁଦ୍ରରେ ପାଣି ବହୁତ ଦ୍ରୁତ ଗତିରେ ବଢ଼ିବ।

ଅର୍ଜୁନ: ଆଜିକୁ ପ୍ରାୟ ୮.୨ ହଜାର ବର୍ଷ ପୂର୍ବେ ସମୁଦ୍ରର ଜଳସ୍ତର ବଢ଼ିବା ଧୀରେ ଧୀରେ କମିବାରେ ଲାଗିଲା । ଗତ ୨୫୦୦ ବର୍ଷ ଭିତରେ ଜଳସ୍ତର ପ୍ରାୟ ସମାନ ରହିଥିଲା। କିନ୍ତୁ ୧୮୫୦ ମସିହା ପରଠାରୁ ଜଳସ୍ତର ପୁଣି ଥିରେ ବଢ଼ିବା ଦେଖାଗଲା।

ବିନ୍ଦୁ: ସମୁଦ୍ରର ଜଳସ୍ତର କିପରି ମପାଯାଏ?

ଅର୍ଜୁନ: ୧୯୯୨ ମସିହାରେ ଟୋପେକ୍ସ ପୋସେଡନ ଉପଗ୍ରହ ଯୋଗୁ ସମୁଦ୍ରର ଜଳସ୍ତର ମାପିବା ସମ୍ଭବ ହୋଇପାରିଲା। ଏହା ସହିତ

ଜୁଆରଭଙ୍ଗା ମାପୁଥିବା ଗ୍ଲୋବାଲ୍ ନେଟୱର୍କରୁ ମଧ୍ୟ ଜଳସ୍ତର ଅନୁମାନ କରାଯାଇପାରେ।

ବିନ୍ଦୁ: ନଈ ମୁହାଣ ଆଉ ଛୋଟଦ୍ୱୀପ ସବୁ ଜଳସ୍ତର ବଢ଼ିବା ଯୋଗୁ ବହୁତ ପ୍ରଭାବିତ ହୋଇଛନ୍ତି।

ଇନ୍ଦିରା: ଚଳିତ ଶତାବ୍ଦୀ ଶେଷ ବେଳକୁ ଲକ୍ଷାଧିକ ଲୋକ ବାସହୀନ ହୋଇଯିବେ। ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ ଯଦି କମ୍ କରା ନ ଯାଏ, ତେବେ ଉପକୂଳ ଅଞ୍ଚଳରେ ଦ୍ରୁତ ଗତିରେ ବଢୁଥିବା ଜନବସତି ପାଇଁ ପରିଣାମ ବିଷମ ହୋଇଯିବ।

ଜଗନ: ମୋ ଅନୁଭବ କହୁଛି ଯେ ଏହାର ଦୃଶ୍ୟମାନ ଆଉ ଅଦୃଶ୍ୟ ପରିଣାମ ବହୁତ ଭୟଙ୍କର ହେବ। ଘର ଜଳମଗ୍ନ ହୋଇଯିବ, ବାତ୍ୟା ସଂଖ୍ୟା ବଢ଼ିଯିବ ଏବଂ ସୁନାମିର ଭୟ ସବୁବେଳେ ଲାଗି ରହିବ।

ଇନ୍ଦିରା: ଆପଣ ତ ଜନ ପ୍ରତିନିଧି, ଆପଣଙ୍କର ଭାବନାକୁ ମୁଁ ବୁଝିପାରୁଛି। ବିଶ୍ୱର ଶତକଡ଼ା ୧୦ ଭାଗ ଜନବସତି ଉପକୂଳ ଅଞ୍ଚଳରେ ଏବଂ ବିଶ୍ୱର ଦୁଇ ତୃତୀୟାଂଶ ମହାନଗର, ଯାହାର ଜନସଂଖ୍ୟା ୫୦ ଲକ୍ଷରୁ ଅଧିକ, ସେସବୁ ବି ସମୁଦ୍ର କୂଳରେ ରହିଛି।

ଜଗନ: ତା ମାନେ ଆସନ୍ତା ଶତାବ୍ଦୀର ଉପକୂଳ ଅଞ୍ଚଳରେ ବହୁତ ବଡ଼ ବିପଦ ଦେଖାଯିବ, ଠିକ କହୁଛି ତ!

ଅର୍ଜୁନ: ଆପଣ ଠିକ କହିଛନ୍ତି। ଉପକୂଳ ଅଞ୍ଚଳରେ କମ୍ ଉଚ୍ଚତାରେ ଥିବା ସହର ଆଦି ପାଇଁ ଏହା ବିପଦଘଣ୍ଟି।

ଅମଲ:ମୁଁ ଗୋଟିଏ ଜାଗାରେ ପଢ଼ିଥିଲି ଯେ ଯଦି ପରିସ୍ଥିତି ଏହିଭଳି ରହେ ତେବେ ୨୧୦୦ ମସିହା ବେଳକୁ ମାଲେସିଆ ବାସ ଉପଯୋଗୀ ହୋଇ ଆଉ ରହିବନାହିଁ।

ଇନ୍ଦିରା:  ଏହା ଛଡ଼ା ପ୍ରବାଳ ଦ୍ୱୀପ ବାତ୍ୟା ଦ୍ୱାରା ବହୁତ ପ୍ରଭାବିତ ହେବ।

ଅଧ୍ୟକ୍ଷ:ମୁଁ ଆପଣମାନଙ୍କ ଆଲୋଚନାକୁ ବହୁତ ମନ ଦେଇ ଶୁଣୁଥିଲି। ମତେ ଆଉ ଗୋଟିଏ ବଡ଼ ବିପଦ ଦେଖାଯାଉଛି। ଯଦି କୌଣସି ଦେଶର ସବୁତକ ରାଜ୍ୟ ପାଣିରେ ବୁଡ଼ିଯିବ ତାହେଲେ ତ ସେ ଦେଶର ବି ଚିହ୍ନ ରହିବନାହିଁ। ତା ମାନେ ସେଠିକା ଅଞ୍ଚଳ ଉପରେ କାହାର ବି ଅଧିକାର ରହିବନାହିଁ। କେହି ବି ଆସି ସେଠୁ ଖଣିଜପଦାର୍ଥ ଆଉ ପେଟ୍ରୋଲ ଆଦି ଖୋଳି ନେଇପାରିବ, କାହାକୁ ବି ରାଜଭାଗ ଦେବାକୁ ହେବନାହିଁ।

ଇନ୍ଦିରା:  ହଁ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ଉପକୂଳ ଅଞ୍ଚଳ ପରିବର୍ତ୍ତନ ଦେଇ ଯାଉଛି।

ଜଗନ:ଏସବୁ ସମସ୍ୟା ଜଳବାୟୁ ପରିବର୍ତ୍ତନ ଆଉ ବିଶ୍ୱ ଉଷ୍ମାୟନ ଯୋଗୁ ହେଉଛି। ବିଶେଷଜ୍ଞ ଜୋର ଦେଉ କହୁଛନ୍ତି ଯେ ଆମକୁ ଅଙ୍ଗାର ଉତ୍ପାଦନ କମ କରିବାକୁ ହେବ। କିନ୍ତୁ  ଏହି ସମସ୍ୟାରେ ତ ଗରିବ ଲୋକଙ୍କ ଭାଗୀଦାରୀ ତ ପ୍ରାୟ ନାହିଁ କହିଲେ ଚଳେ। କିନ୍ତୁ ସେମାନେ ହିଁ ଅଧିକ ପ୍ରଭାବିତ ହେଉଛନ୍ତି। ଏହା ତ ବହୁତ ଅନ୍ୟାୟ କଥା।

ଅଧ୍ୟକ୍ଷ:ସେମାନଙ୍କର କୌଣସି ଦୋଷ ନାହିଁ, କିନ୍ତୁ ସେମାନେ ହିଁ ଦଣ୍ଡ ପାଉଛନ୍ତି।

ବିନ୍ଦୁ: ଯେଉଁ ଦେଶମାନେ ପ୍ରଦୂଷଣ ବଢ଼ଉଛନ୍ତି ସେମାନେ ଦାୟୀ । ସେମାନଙ୍କୁ ଗରିବ ଦେଶକୁ ପରିବେଶକୁ ସୁହାଇଲା ଭଳି କାରିଗରୀ ବିଦ୍ୟା ଆଉ ଅର୍ଥ ଯୋଗାଇଦେବା କଥା।

ଘୋଷକ: ମତେ କ୍ଷମା କରନ୍ତୁ, ଆଲୋଚନା ମଝିରେ ମୁଁ ବାଧା ଦେଉଛି । ଏବେ ତ ଆଉ ସମୟ ନାହିଁ। ଆଲୋଚନାକୁ ଆମକୁ ଶେଷ କରିବାକୁ ହେବ। କାର୍ଯ୍ୟକ୍ରମ ସରିଗଲାନାହିଁ। ବରଂ ଗୋଟିଏ ନୂଆ ଆରମ୍ଭ ହେଲା। ଭବିଷ୍ୟତରେ ଆମେ ଏହାକୁ ଜାରି ରଖିବା। ଡ. ଇନ୍ଦିରାଙ୍କୁ ଅନୁରୋଧ ଯେ ସେ ସଂକ୍ଷେପରେ ପୂରା ଆଲୋଚନାର ସାରାଂଶ ଉପସ୍ଥାପନ କରିବେ।

ଇନ୍ଦିରା: ଆଶା କରୁଛି ଆଜିର ଆଲୋଚନା ଆପଣମାନଙ୍କ ପାଇଁ ବହୁତ ଉପଯୋଗୀ ହେଲା। ମୁଁ ବହୁତ କିଛି ବୁଝିଲି ଆଉ ଶିଖିଲି। ଏବେ ଆମେ ପରିବେଶରେ ହେଉଥିବା ପରିବର୍ତ୍ତନକୁ ମଣିଷର କାର୍ଯ୍ୟକଳାପର ତୁଳନାତ୍ମକ ଅଧ୍ୟୟନ ମାଧ୍ୟମରେ ଆଗକୁ ଆସୁଥିବା ପ୍ରଭାବ ବିଷୟରେ ବୁଝିପାରିବା। ଏଥିରେ ପ୍ରଦୂଷଣ, ନଈରେ ଜଳପ୍ରବାହ, ଉପକୂଳ ଅଞ୍ଚଳ ପାଣିରେ ବୁଡ଼ିଯିବା, ମତ୍ସ୍ୟପାଳନ, ଜଳଜ ଜୀବଜନ୍ତୁ, ଛୋଟ ଦ୍ୱୀପ ସବୁକୁ ସାମିଲ କରାଯାଇପାରିବ। ଆମକୁ ଏ ସମସ୍ୟାର ସମାଧାନ ଖୋଜିବାକୁ ହେବ। ଏଥିପାଇଁ ନୂଆ ଗବେଷଣା ଆଉ ଅଧ୍ୟୟନ ଜରୁରୀ। ଯେମିତି ଜଣେ କହିଲେ ଯେ ଦୋଷ ନ କରି ବି ଗରିବ ଲୋକ କାହିଁକି ଦଣ୍ଡ ଭୋଗିବେ। ଏଥିପାଇଁ ବିଶ୍ୱ ସ୍ତରରେ ଚିନ୍ତା କରିବା ଆଉ ପଦକ୍ଷେପ ନେବା ବହୁତ ଜରୁରୀ।

ଜଗନ:ମ୍ୟାଡାମ, କ୍ଷମା କରନ୍ତୁ... ମୁଁ ଜଣେ ସାଧାରଣ ଚାଷୀ । ମୋର ଅନେକ ଦିନର ଅନୁଭୂତି ରହିଛି। କୌଣସି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକଙ୍କୁ ବିଶ୍ୱାସରେ ନେବାକୁ ହେବ। କୌଣସି ପ୍ରକଳ୍ପ ସଫଳ ହେବା ଆଗରୁ ଏ ବିଷୟରେ ସୂଚନା ଦେବା ପାଇଁ ଗୋଟିଏ ଅଭିଯାନ କରିବା ଦରକାର। ଲୋକଙ୍କର ଭାଗୀଦାରୀ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହା ମୋର ମତ। (ତାଳି ଶବ୍ଦ)

ଅଧ୍ୟକ୍ଷ:ବଢ଼ିଆ କଥା କହିଲେ, ଜୀବନର ବାସ୍ତବତା।

ଇନ୍ଦିରା: ଜଗନ, ଆପଣଙ୍କ ପ୍ରସ୍ତାବ ବହୁତ ବଢ଼ିଆ। ମୁଁ ଟିପି ନେଇଛି। ଏବେ ଅମଲ ଆପଣଙ୍କ ସମସ୍ୟା ଉପରେ ସବୁବେଳେ ଆଲୋଚନା କରିବ। ଆପଣମାନେ ମିଶି ପଞ୍ଚାୟତ ସ୍ତରର କ